# <u>OBSERVATION OF NATIONAL VOTER'S DAY ON 25TH JANUARY 2021</u>

NSS units of Gunupur College observed the National Voter's Day by taking the voter's pledge with the NSS volunteers and other students of the college including the Principal and the other faculty members. 82 students participated in the event.



ନିର୍ଭୟ

# ଜାତୀୟ ମତଦାତା ଦିବସ ପାଳିତ

**ନିର୍ଭୟ ମିଡିଆ : ଗୁଣୁପୁର**



ଗୁଣୁପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଶାଖା ନମ୍ବର ଏକ, ଦୁଇ ଓ ତିନି ଦ୍ୱାରା ସୋମବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବାମଦେବ ମିଶ୍ରଙ୍କ ଅଧକ୍ଷତାରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଏନଏସ୍‌ଏସ୍, ଏନସିସି ତଥା ଅନ୍ୟାନ୍ୟ ଛାତ୍ରଛାତ୍ରୀବୃନ୍ଦ ଉପସ୍ଥିତ ରହି ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ପ୍ରକଟନ ସହିତ ଜାତି, ଧର୍ମ, ବର୍ଣ୍ଣ, ଭାଷା, ଗୋଷ୍ଠୀ ନିର୍ବିଶେଷରେ ଦେଶର ଗଣତାନ୍ତ୍ରିକ ପରମ୍ପରାକୁ ବଜାୟ ରଖି ନିରପେକ୍ଷ ଭାବରେ ନିଜର ମତାଧିକାରର ପ୍ରୟୋଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ । ଏଥିରେ ଅନୁଷ୍ଠାନର ପ୍ରାଧ୍ୟାପକ ଶଶିଭୂଷଣ ମହାନ୍ତି, ପ୍ରାଧ୍ୟାପକ ଡକ୍ଟର ସୂର୍ଯ୍ୟନାରାୟଣ ପଣ୍ଡା, ଅଧ୍ୟାପକ ଜିତେନ୍ଦ୍ର ବଡ଼ମୁଣ୍ଡି, ଅଧ୍ୟାପକ ଅମୀୟ ରଞ୍ଜନ ମହାନ୍ତି, ଅଧ୍ୟାପକ ଜଗନ୍ନାଥ ଦୀପ, ଅଧ୍ୟାପକ ଏବ୍ରି ରଉତ, ଅଧ୍ୟାପକ ଡୋଳାମଣି କୁମାର, ଅଧ୍ୟାପିକା ଡକ୍ଟର ଦୀପିକା ପଟ୍ଟନାୟକ, ଅଧ୍ୟାପିକା ଦେବୀଶ୍ରୀ ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେହିପରି ଜିଆଇଇଟି ବିଶ୍ୱବିଦ୍ୟାଳୟ ଗୁଣୁପୁରରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଅନୁରୂପ ଭାବେ ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସର ଜାତୀୟ ସେବା ଯୋଜନା ପକ୍ଷରୁ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଡିନଆରଆଣ୍ଡଡି ପ୍ରଫେସର ଜେବିଭି ସୁବ୍ରମଣ୍ୟମ ଯୋଗ ଦେଇ ଉପସ୍ଥିତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଜାତୀୟ ସେବା ଯୋଜନାର ଆବାହକ ଡ.ପ୍ରେମାଂଶୁ ଶେଖର ରଥ, କ୍ରୀଡ଼ା ଅଧିକାରୀ ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପ୍ରଫେସର ଡି.ଅନିଲ କୁମାର, ପ୍ରଫେସର ସଦାନନ୍ଦ ସାହୁ, ବିଶ୍ୱଜିତ ଦଳେଇ, କେ.ଶିବକ୍ରିଷ୍ଣା, ବୃନ୍ଦାବନ ପଣ୍ଡା, ରଘୁନାଥ ପଣ୍ଡା ତଥା ଅନ୍ୟାନ୍ୟ କର୍ମଚାରୀ ଉପସ୍ଥି ରହି ଶପଥ ପାଠ କରିଥିଲେ ।

# ଗୁଣୁପୁର ମହାବିଦ୍ୟାଳୟରେ ଜାତୀୟ ମତଦାତା ଦିବସ ପାଳିତ



ରାୟଗଡ଼ା (ମାନିସ) : ରାୟଗଡ଼ା ଜିଲ୍ଲା ଗୁଣୁପୁର ସଦରସ୍ଥିତ ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଶାଖା ନମ୍ବର ଏକ,ଦୁଇ ଓ ତିନି ଦ୍ୱାରା ଆଜି ୧୧ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବାମଦେବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ଏନସିସି ତଥା ଅନ୍ୟାନ୍ୟ ଛାତ୍ରଛାତ୍ରୀବୃନ୍ଦ ଉପସ୍ଥିତ ରହି ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ପ୍ରକଟନ ସହିତ ଜାତି,ଧର୍ମ, ବର୍ଣ୍ଣ, ଭାଷା, ଗୋଷ୍ଠୀ ନିର୍ବିଶେଷରେ ଦେଶର ଗଣତାନ୍ତ୍ରିକ ପରମ୍ପରାକୁ ବଜାୟ ରଖି ନିରପେକ୍ଷ ଭାବରେ ନିଜର ମତାଧିକାରର ପ୍ରୟୋଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ । ଏଥିରେ ଅନୁଷ୍ଠାନର ପ୍ରାଧ୍ୟାପକ ଶଶିଭୂଷଣ ମହାନ୍ତି, ପ୍ରାଧ୍ୟାପକ ଡକ୍ଟର ସୂର୍ଯ୍ୟନାରାୟଣ